# बैंक ऑफ़ बड़ौदा ବ୍ୟାଙ୍କ ଅଫ୍ ବରୋଦା

## ଆଂଚଳିକ କାର୍ଯ୍ୟାଳୟ, ପାଟନା ଅଂଚଳ, ୫ମ ମହଲା, ଆନନ୍ଦବିହାର, ୱେଷ୍ଟ ବୋରିଂ କେନାଲ ରୋଡ, ପାଟନା-

### ସବ୍‌ଷ୍ଟାଫ୍ ନିଯୁକ୍ତି ବିଜ୍ଞାପନ - ୨୦୧୬

**ବ୍ୟାଙ୍କ ଅଫ ବରୋଦା,** ପାଟନା ଆଂଚଳିକ କାର୍ଯ୍ୟାଳୟ ପକ୍ଷରୁ ନିମ୍ନଲିଖିତ ରାଜ୍ୟରୁ ଖାଲିଥିବା ଅଧସ୍ତନ କ୍ୟାଡରରେ ପୂର୍ଣ୍ଣକାଳୀନ ଝାଡୁଦାର-ତଥା-ପିଅନ ଏବଂ ପିଅନ ପଦବୀ ପାଇଁ ନିମ୍ନଦର୍ଶିତ ମତେ ଦରଖାସ୍ତମାନ ଆହ୍ୱାନ କରାଯାଉଅଛି ।

| ରାଜ୍ୟର ନାମ | ଜିଲ୍ଲା | ପଦବୀ | ଖାଲି ସ୍ଥାନ | ଅନୁସୂଚିତ ଜାତି | ଅନୁସୂଚିତ ଜନଜାତି | ସାଧାରଣ ବର୍ଗ* | ଅନ୍ୟାନ୍ୟ ପଛୁଆ ବର୍ଗ | ସେଥି ମଧ୍ୟରୁ | | | |
|---|---|---|---|---|---|---|---|---|---|---|---|
| | | | | | | | | ଶାରୀରିକ ଅକ୍ଷମ | ଦୃଷ୍ଟି ହୀନ | ମୁକ ବଧୀର | ଅବସର ପ୍ରାପ୍ତ |
| ବିହାର | * | ଝାଡୁଦାର ତଥା ପିଅନ | ୯୧ | ୦୬ | ...... | ୨୪ | ୬୧ | ୦୩ | ୦୧ | ୦୩ | ୨୧ |
| ବିହାର | * | ପିଅନ | ୦୨ | ..... | ..... | ..... | ୦୨ | ..... | ..... | ..... | ..... |
| ଝାଡଖଣ୍ଡ | * | ଝାଡୁଦାର ତଥା ପିଅନ | ୩୪ | ୦୫ | ୦୭ | ୦୩ | ୨୪ | ୦୧ | ୦୨ | ..... | ୦୮ |
| ଝାଡଖଣ୍ଡ | * | ପିଅନ | ୦୧ | ..... | ୦୧ | ..... | ..... | ..... | ..... | ..... | ..... |
| ଓଡ଼ିଶା | * | ଝାଡୁଦାର ତଥା ପିଅନ | ୧୦୨ | ୧୮ | ୨୪ | ୧୨ | ୪୬ | ୦୪ | ୦୧ | ୦୨ | ୨୬ |
| ଓଡ଼ିଶା | * | ପିଅନ | ୦୫ | .... | .... | ୦୨ | ୦୩ | .... | .... | .... | .... |

- **ବିହାର ରାଜ୍ୟରେ ଖାଲି ସ୍ଥାନ ଥିବା ଜିଲ୍ଲା** : ଔରଙ୍ଗାବାଦ, ଭୋଜପୁର, ବକ୍ସର, ଗୟା, କାଇମୁର, ନାଳନ୍ଦା, ପାଟନା, ରୋହତାସ, ଚାପ୍ରା, ଦରଭଙ୍ଗା, ପୂର୍ବ ଚମ୍ପାରଣ, ମଧୁବାଣୀ, ମୁଜାଫରପୁର, ସମସ୍ତିପୁର, ସୀତାମାଢ଼ି, ବୈଶାଳୀ, ପଶ୍ଚିମ ଚମ୍ପାରଣ, ବେଗୁସରାଇ, ଭାଗଲପୁର, କଟିହାର, ଖଗରିଆ, କିସନଗଞ୍ଜ, ପୁରନିଆ, ସୁପଲ ।
- **ଝାଡଖଣ୍ଡ ରାଜ୍ୟରେ ଖାଲି ସ୍ଥାନ ଥିବା ଜିଲ୍ଲା:** ବୋକାରୋ, ଦେଓଘର, ଧାନବାଦ, ପୂର୍ବ ସିଂହଭୂମ, ଗିରଡିହ, ପାକୁର, ପାଲାମୁ, ରାମଗଡ, ରା ି, ସରଇକେଲା, ପଶ୍ଚିମ ସିଂହଭୂମ ।
- **ଓଡ଼ିଶା ରାଜ୍ୟରେ ଖାଲି ସ୍ଥାନ ଥିବା ଜିଲ୍ଲା:** ବାଲେଶ୍ୱର, ଭଦ୍ରକ, କଟକ, ଢ଼େଙ୍କାନାଳ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ମୟୁରଭଞ୍ଜ, ନୟାଗଡ, ପୁରୀ, ଅନୁଗୁଳ, ବରଗଡ, ବୌଦ୍ଧ, ବଲାଙ୍ଗୀର, ଦେବଗଡ, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ରାୟଗଡ, ସମ୍ବଲପୁର, ସୁନ୍ଦରଗଡ ।

ଅନୁସୂଚିତ ଜାତି /ଅନୁସୂଚିତ ଜନଜାତି /ଅନ୍ୟାନ୍ୟ ପଛୁଆ ବର୍ଗ ଶ୍ରେଣୀର ପ୍ରାର୍ଥୀମାନେ ଖାଲିଥିବା ଅସଂରକ୍ଷିତ ବିଭାଗରେ ଆବେଦନ ମଧ୍ୟ କରିପାରିବେ । ତେବେ ଏଥିପାଇଁ ଅସଂରକ୍ଷିତ ଶ୍ରେଣୀ ପାଇଁ ଥିବା ନିର୍ଦ୍ଦେଶାବଳୀ ଲାଗୁ ହେବ । ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ ସଂରକ୍ଷଣ ପ୍ରଦାନ କରାଯିବ ।

**ଯୋଗ୍ୟତା ମାନଦଣ୍ଡ:**

**ବୟସ:** ପ୍ରାର୍ଥୀ **ତା.୩୧.୧୦.୨୦୧୬ରିଖ** ସୁଦ୍ଧା ୧୮ ବର୍ଷରୁ କମ୍ ଏବଂ ୨୬ ବର୍ଷରୁ ଉର୍ଦ୍ଧ୍ୱ ହୋଇନଥିବା ଆବଶ୍ୟକ ।
ସରକାରୀ ନିୟମାବଳୀ ଅନୁସାରେ ଅନୁସୂଚିତ ଜାତି/ଜନଜାତି/ଅନ୍ୟାନ୍ୟ/ ପଛୁଆବର୍ଗ / ଅବସରପ୍ରାପ୍ତ ସାମରିକ କର୍ମଚାରୀମାନଙ୍କ

ସର୍ବୋଚ୍ଚ ବୟସ ସୀମାର କୋହଳତା ନିମ୍ନରେ ପ୍ରଦାନ କରାଗଲା ।

**ସର୍ବୋଚ୍ଚ ବୟସ ସୀମାର କୋହଳତା:**

| କ୍ର.ନଂ. | ବିଭାଗ | କୋହଳତା |
|---|---|---|
| ୧. | ସାଧାରଣ (ଅଣସଂରକ୍ଷିତ) | (ନାଁ) |
| ୨. | ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି | ୫ ବର୍ଷ |
| ୩. | ଅନ୍ୟାନ ପଛୁଆ ବର୍ଗ/ନନ× କ୍ରିମି ଲେୟାର | ୩ ବର୍ଷ |
| ୪. | ଶାରୀରିକ ଅକ୍ଷମ (ପିଡବ୍ଲ୍ୟୁଡି) | ୧୦ ବର୍ଷ |
| ୫. | ବିଧବା, ଛାଡପତ୍ର ପାଇଥିବା ମହିଳା ଏବଂ ଆଇନତଃ ସ୍ୱାମୀଠାରୁ ଅଲଗା ରହୁଥିବା ପୁନଃ ବିବାହ ନ କରିଥିବା ମହିଳା | ୯ ବର୍ଷ |
| ୬. | ଅବସର ପ୍ରାପ୍ତ ସାମରୀକ କର୍ମଚାରୀ / ଅକ୍ଷମ ହୋଇଥିବା ଅବସରପ୍ରାପ୍ତ ସାମରୀକ କର୍ମଚାରୀ | ସାମରୀକ ସେବାରେ ପ୍ରଦାନ କରିଥିବା ପ୍ରକୃତ ସମୟ ଅବଧି + ୩ ବର୍ଷ (ଅନୁସୂଚିତ ଜାତି/ଜନଜାତିର ଅବସରପ୍ରାପ୍ତ ସାମରିକ କର୍ମଚାରୀମାନଙ୍କ ପାଇଁ ୮ ବର୍ଷ) ସର୍ବୋଚ୍ଚ ବୟସ ସୀମା ୫୦ବର୍ଷ । |
| ୭. | ୧.୧.୧୯୮୦ ରୁ ୩୧.୧୨.୧୯୮୯ ମଧ୍ୟରେ ଜାମୁ କାଶ୍ମୀରରେ ବାସ କରୁଥିବା ବ୍ୟକ୍ତି | ୫ ବର୍ଷ |
| ୮. | ୧୯୮୪ ଦଙ୍ଗା ପ୍ରଭାବିତ ବ୍ୟକ୍ତି ବିଶେଷ | ୫ ବର୍ଷ |
| ୯. | ସେବା ନିବୃତ ଭୋପାଳ ୟୁନିୟନ କାର୍ବାଇଡ× କାରଖାନାର ନିୟମିତ କର୍ମଚାରୀ (କେବଳ ମଧ୍ୟପ୍ରଦେଶ ରାଜ୍ୟ ନିମନ୍ତେ) | ୫ ବର୍ଷ |

**ଦ୍ରଷ୍ଟବ୍ୟ:**

(କ) ଅନୁସୂଚିତ ଜାତି/ଜନଜାତି/ଅନ୍ୟାନ୍ୟ ପଛୁଆବର୍ଗ ନିମନ୍ତେ ସର୍ବୋଚ୍ଚ ବୟସସୀମାର କୋହଳତା କ୍ୟୁମିଲେଟିଭ ଭିତ୍ତିରେ ଅନୁମୋଦିତ । କେବଳ ଗୋଟିଏ ବିଭାଗ ନିମେନ୍ତେ ବୟସ କୋହଳତା ଅନୁମୋଦିତ ।

(ଖ) ସାଧାରଣ ବର୍ଗ ପ୍ରାର୍ଥୀମାନଙ୍କ ନିମନ୍ତେ ସର୍ବୋଚ୍ଚ ବୟସସୀମା ୨୬ ବର୍ଷ ।

**ଶିକ୍ଷାଗତ ଯୋଗ୍ୟତା :**

ପ୍ରାର୍ଥୀ ୧୦ମ ଶ୍ରେଣୀ ପାସ କିମ୍ବା ସମାନ ଶିକ୍ଷାଗତ ଯୋଗ୍ୟତା ଥିବା ଆବଶ୍ୟକ ।ପ୍ରାର୍ଥୀ ସ୍ଥାନୀୟ ଭାଷାରେ ଲେଖିପଢି ପାରୁଥିବା ଆବଶ୍ୟକ । ଇଂରାଜୀ ଜାଣିଥିବା ପ୍ରାର୍ଥୀଙ୍କୁ ଅତିରିକ୍ତ ଗୁରୁତ୍ୱ ଦିଆଯିବ ।

ଦରଖାସ୍ତ ଫି - ଦରଖାସ୍ତ ଫିସ / ଇଂଟିମେସନ ଦେୟ (ଅନଲାଇନ ପମେଣ୍ଟେ) ନିମ୍ନମତେ

(କ) ଅନୁସୂଚିତ ଜାତି/ଜନଜାତି/ପିଡବ୍ଲୁଡି/ସେବା ନିବତୃ ସାମରୀକ କର୍ମଚାରୀଙ୍କ ପାଇଁ ଟ.୧୦୦/-

(ଖ) ଅନ୍ୟାନ୍ୟଙ୍କ ପାଇଁ ଟ. ୪୦୦/-

ପ୍ରାଥୀମାନେ ଅନଲାଇନରେ ଦରଖାସ୍ତ ଫିସ / ଇଂଟିମସେନ୍ ଦେୟ ପ୍ରଦାନ, ବ୍ୟାଙ୍କ ଦେୟ ବହନ କରିବେ ।

**ଦେୟ ପ୍ରଦାନ ପଦ୍ଧତି:**

୧- ଅନଲଇନରେ ପୈଠ - କ୍ରେଡିଟ କାର୍ଡ, ଡେବିଟ କାର୍ଡ ଏବଂ ନେଟ ବ୍ୟାଙ୍କିଙ୍ଗ

୨- ଅଫ ଲାଇନରେ ପୈଠ - (ବ୍ୟାଙ୍କ ଅଫ ବରୋଦା ଚାଲାଣ) ଅନଲାଇନ ପୋର୍ଟାଲରେ ଦରଖାସ୍ତ ଫର୍ମ ପୁରଣ କରି ସାରିବା ପରେ ଫିସ ପୈଠ ପାଇଁ ଏକ ପେ-ଇଙ୍ଗ ସ୍ଲିପ / ଭାଉଚର/ଚାଲାଣ ସୃଷ୍ଟିହେବ କେବଳ ପେଇଙ୍ଗ ସ୍ଲିପ ଫିସ ଦାଖଲ ନିମନ୍ତେ ବ୍ୟବହୃତ ହେବ ଏବଂ ବ୍ୟାଙ୍କ ଆକାଉ ରୁ ସଠିକ୍‌ଭାବେ କ୍ରେଡିଟ୍ କରାଯିବ । ନିକଟସ୍ଥ ବ୍ୟାଙ୍କ ଅଫ ବରୋଦା ଶାଖାକୁ ଯାଇ ପେଇଙ୍ଗ -ସ୍ଲିପ ବ୍ୟବହାର କରି ସଠିକ୍ ପରିମାଣର ଅର୍ଥ ଶାଖାରେ ପୈଠ କରନ୍ତୁ ।

| | |
|---|---|
| **ଅନଲାଇନ୍‌ରେ ଦରଖାସ୍ତ ପଞ୍ଜିକରଣ ଆରମ୍ଭ -୧୬.୧୨.୨୦୧୬** | **ଅନଲାଇନ୍‌ରେ ଦରଖାସ୍ତ ପଞ୍ଜିକରଣ ଅନ୍ତିମ ତାରିଖ -୦୫.୦୧.୨୦୧୭** |
| ଫି ପୈଠ ଅନଲାଇନ / ଅଫଲାଇନ | ତା ୧୬.୧୨.୨୦୧୬ ରିଖ ରୁ ତା ୦୫.୦୧.୨୦୧୭ ରିଖ ପର୍ଯ୍ୟନ୍ତ |

**ଦରମା ଏବଂ ଭତ୍ତା :**

ଟ.୯,୫୬୦/- - ଟ.୧୮,୫୪୫/- + ଡିଏ+ଏଚ୍‌ଆର୍‌ଏ+ଅନ୍ୟାନ୍ୟ ପ୍ରଜୁର୍ଯ୍ୟ ଭତ୍ତା ।

**<u>ଚୟନ ପ୍ରକ୍ରିୟା :</u>**

ମେରିଟ ଭିତ୍ତି ରେ ପରୀକ୍ଷା ମାଧ୍ୟମରେ (ଅନଲାଇନ / ଅଫଲାଇନ) ପ୍ରାର୍ଥୀ ଚୟନ କରାଯିବ ।

ଝାଡୁଦାର ତଥା ପିଅନ / ପିଅନ ନିମନ୍ତେ ଅନଲାଇନ / ଅଫଲାଇନରେ ପରିଚାଳିତ ପରୀକ୍ଷା ନିମନ୍ତେ ପାଠ୍ୟକ୍ରମ ନିମ୍ନମତେ

| କ୍ର.ନଂ. | ବିଷୟ | ମୋଟ ନମ୍ବର | ଯୋଗ୍ୟତା ନମ୍ବର | ମୋଟ ସମୟ |
|---|---|---|---|---|
| ୧. | ସ୍ଥାନୀୟ ଭାଷା ଜ୍ଞାନ | ୩୦ | ୧୨ | ୨ଘଣ୍ ଟା। |
| ୨. | ଇଂରାଜୀ ଜ୍ଞାନ | ୧୦ | ୪ | |
| ୩. | ବ୍ୟାଙ୍କିଙ୍ଗ× ସହିତ ସାଧାରଣ ଜ୍ଞାନ | ୨୦ | ୮ | |
| ୪. | ପ୍ରାଥମିକ ଗାଣିତିକ/ସଂଖ୍ୟାଗତ ଦକ୍ଷତା | ୨୦ | ୮ | |
| ୫. | ସାଇକୋ ମେଟ୍ରିକ ଟେଷ୍ଟ | ୨୦ | ୮ | |
| | ମୋଟ | ୧୦୦ | ୪୦ | |

* ସରକାରୀ ମାର୍ଗ ଦର୍ଶିତା ଅନୁସାରେ ଅନୁସୂଚିତ ଜାତି / ଜନଜାତି ପ୍ରାର୍ଥୀ ମାନଙ୍କ ପାଇଁ ୫% ନମ୍ବର କୋହଳ କରାଯିବ । ଇଂରାଜୀ ଭାଷା ଜ୍ଞାନ ବ୍ୟତିତ ଉପରୋକ୍ତ ଅନ୍ୟାନ୍ୟ ପରୀକ୍ଷା ଦ୍ୱିଭାଷିକ ଯଥା : ଓଡ଼ିଆ ଏବଂ ଇଂରାଜୀ ରେ ହେବ ।

ବ୍ୟାଙ୍କ ପରୀକ୍ଷା ପଦ୍ଧତିର ପରିବର୍ତ୍ତନ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି ଯାହାକୁକି ଏହାର ୱେବସାଇଟ୍‌ରେ ସୂଚିତ କରାଯିବ । ପରୀକ୍ଷା ସମ୍ବନ୍ଧୀୟ ଅନ୍ୟାନ୍ୟ ସବିଶେଷ ସ୍ୱଚନା ପ୍ରାର୍ଥୀମାନଙ୍କୁ କଲ-ଲେଟର ସହିତ ପଠାଯିବ କିମ୍ବା ସେମାନେ ବ୍ୟାଙ୍କର ୱେବସାଇଟ୍‌ରୁ ଡାଉନ୍‌ଲୋଡ୍ କରିପାରିବେ ।

**<u>ଘୋଷଣା:</u>** ଯଦି ପ୍ରାର୍ଥୀଙ୍କ ଦ୍ୱାରା ଚୟନର କୌଣସି ସ୍ତରରେ ଉକ୍ତ ତଥ୍ୟ ପ୍ରଦାନ କିମ୍ବା ପ୍ରକ୍ରିୟାକୁ ଉଲଘଂନ କରିଥିବା ଧରାପଡେ ତେବେ ଚୟନ ପ୍ରକ୍ରିୟାରୁ ବାଦ ଦିଆଯିବ । ଚଳିତ ଚୟନ ପ୍ରକ୍ରିୟାରେ ଚିହ୍ନିତ ନ ହୋଇ ପରବର୍ତ୍ତୀ ସମୟରେ ଧରାପଡିଲେ ଏପରି ଅଯୋଗ୍ୟତା ପ୍ରତିକୂଳ ପ୍ରଭାବ ପକାଇବ । ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଚୟନ ପ୍ରକ୍ରିୟା ବାତିଲ୍ କରିବାର ଅଧିକାର ସଂରକ୍ଷିତ ରଖିଛି ।

**ସମସ୍ତ ପ୍ରାର୍ଥୀଙ୍କ ପାଇଁ ଚୟନ ସଂକ୍ରାନ୍ତିୟ ବ୍ୟାଙ୍କର ସମସ୍ତ ନିଷ୍ପତ୍ତି ଚୂଡାନ୍ତ ଏବଂ ଅନ୍ତିମ ଅଟେ ।**